بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୯ ଜୁନ୍ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ (ଲୋକମାନଙ୍କୁ) ସାହାଯ୍ୟ ଓ ଦାନ କରିବାର ଅପୂର୍ବ ଚରିତ୍ର ଆଲୋକରେ ମହାଭାଗଙ୍କ ପବିତ୍ର ସଭାବର ହୃଦୟଗ୍ରାହୀ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମଧ୍ୟ ମୁଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର (ଲୋକମାନଙ୍କୁ) ସାହାଯ୍ୟ ଓ ଦାନ କରିବାର ଅପୂର୍ବ ଚରିତ୍ରର ଆଲୋଚନା କରିବି । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହଜରତ ଅବୁ ସଈଦ୍ ଖୁଦ୍ରୀ[ର.ଅ] ବର୍ଣ୍ଣନା କରନ୍ତି; ଅନ୍‌ସାରମାନଙ୍କ ମଧ୍ୟରୁ କେତେକ ଲୋକ ହୁଜୁର[ସ.ଅ]ଙ୍କୁ କିଛି ମାଗିଲେ । ମହାଭାଗ ସେମାନଙ୍କୁ ଦେଲେ, ସେମାନେ ପୁଣି ମାଗିଲେ ଓ ମହାଭାଗ ପୁଣି ପ୍ରଦାନ କଲେ । ଏପରିକି ମହାଭାଗଙ୍କ ନିକଟରେ ଯାହା କିଛି ଥିଲା, ସେସବୁ ଶେଷ ହୋଇଗଲା । ସେଥିଅନ୍ତେ ହୁଜୁର[ସ.ଅ] କହିଲେ; ମୋ ନିକଟରେ ଯେପରି ଧନ ଥାଉ ନା କାହିଁକି, ମୁଁ ତାହାକୁ କଦାପି ତୁମମାନଙ୍କ ଠାରୁ ଲୁଚାଇ ରଖିବି ନାହିଁ । ଆଉ ଯିଏ ବି ମାଗିବାରୁ ନିବୃତ୍ତ ରହିବ, ଅଲ୍ଲାଃତାଲା ତାହାକୁ ବଞ୍ଚାଇ ରଖିବେ । ଯିଏ ଦୁନିଆର ଧନରୁ ନିସ୍ପୃହ ହେବାକୁ ଚାହିଁବ, ଅଲ୍ଲାଃତାଲା ତାହାକୁ ନିସ୍ପୃହ କରିଦେବେ । ଆଉ ଯିଏ ନିଜ ଉପରେ ଧୈର୍ଯ୍ୟ ରଖିବ ତେବେ ଅଲ୍ଲାଃତାଲା ତାହାକୁ ଧୈର୍ଯ୍ୟ ପ୍ରଦାନ କରିବେ, **ତେବେ ଧୈର୍ଯ୍ୟ ଠାରୁ ଉତ୍ତମ ଓ ବ୍ୟାପକ କୌଣସି ପୁରସ୍କାର କାହାକୁ ଦିଆଯାଇ ନାହିଁ ।**

ହଜରତ ଇବନେ ଉମର୍[ର.ଅ] ବର୍ଣ୍ଣନା କରନ୍ତି– ଆମେ ହୁଜୁର[ସ.ଅ]ଙ୍କ ସାଥିରେ ଏକ ଯାତ୍ରାରେ ଥିଲୁ ଏବଂ ମୁଁ ଏକ ଅମାନିଆ ଓଟ ଉପରେ ଆରୋହଣ କରିଥିଲି । ଯିଏକି ଅନ୍ୟ ବାହାନମାନଙ୍କ ଠାରୁ ଆଗକୁ ବଢି ଯାଉଥିଲା । ହଜରତ ଉମର୍[ର.ଅ] ତାହାକୁ ରୋକୁ ଥିଲେ ଓ କ୍ରୋଧିତ ହେଉଥିଲେ । ଏହା ଦେଖି ପୁଣ୍ୟଶ୍ଳୋକ କହିଲେ; ଏହି ଓଟକୁ ମୋତେ ବିକ୍ରି କରିଦିଅ । ହଜରତ ଉମର୍[ର.ଅ] ଅନୁରୋଧ କଲେ, ହୁଜୁର ଏହା ତ ଆପଣଙ୍କର । ସେ ଜାହା ହେଉ ସେ ତାହାକୁ ହୁଜୁର[ସ.ଅ]ଙ୍କୁ ବିକ୍ରି କରିଦେଲେ । ପୁନଶ୍ଚ ମହାଭାଗ କହିଲେ; ହେ ଅବ୍ଦୁଲ୍ଲାଃ ବିନ୍ ଉମର୍ ! ଏବେ ଓଟଟି ତୁମର । ତୁମେ ତାହା ସହିତ ଯାହା ଇଚ୍ଛା କର । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଉପହାର ଦେବାର ମଧ୍ୟ କି ସୁନ୍ଦର ଶୈଳୀ । ଏପରି ମହାଭାଗ ବୁଝାଇ ଦେଲେ ଯେ ଏହା ତ ଏକ ପଶୁ, ଯଦି ବାହାନମାନଙ୍କ ଠାରୁ ଆଗକୁ ବଢି ଯାଉଛି ତେବେ କୌଣସି କଥା ନାହିଁ । କାରଣ ଏବେ ଏହି ଓଟଟିକୁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କିଣି ନେଇଛନ୍ତି । ତେଣୁ ଯଦି ଏହା ଅନ୍ୟ ବାହାନମାନଙ୍କ ଠାରୁ ଆଗକୁ ବଢିଯାଏ ତେବେ ଏହା ହିଁ କୁହାଯିବ, ଯେ ହୁଜୁର[ସ.ଅ]ଙ୍କ ଓଟ ସର୍ବାଗ୍ରେ ରହିଛି ।

ଏକ ଯୁଦ୍ଧରେ ହଜରତ ଜାବିର୍[ର.ଅ]ଙ୍କ ଓଟ ଥକି ପଡିଲା ଓ ଚାଲିବାରେ ସେ ମନ୍ଥର ହୋଇଗଲା, ଯାହା ଫଳରେ ସେ ସୈନ୍ୟବାହିନୀ ଠାରୁ ପଛରେ ରହିଗଲେ । ବସ୍ତୁତଃ ହୁଜୁର[ସ.ଅ] ତାଙ୍କ ନିକଟକୁ ଆସିଲେ

ଓ ତାଙ୍କ କୁଶଳ ପଚାରିବାରୁ, ଜାବିର୍ ର.ଅ ଓଟର ମନ୍ଥର ଗତି ବିଷୟରେ କହିଲେ । ଏଥିରେ ହୁଜୁର ସ.ଅ ନିଜ ଆଶାବାଡ଼ି ଦ୍ୱାରା ଓଟକୁ ଟାଣିଲେ ଓ କହିଲେ; ଜାବିର୍ ଏବେ ଏହା ଉପରେ ଅରୋହଣ କର । ହଜରତ ଜାବିର୍ ର.ଅ କୁହନ୍ତି; ମୁଁ ବାହାନ ଉପରେ ସବାର ହେଲି ଓ ଦେଖିଲି ଯେ ତାହାର ବେଗ ଦ୍ରୁତ ହୋଇଗଲା । ଏପରିକି ହୁଜୁର ସ.ଅଙ୍କ ବାହାନ ଠାରୁ ମଧ୍ୟ ସେ ଆଗକୁ ବଢ଼ିବାକୁ ଲାଗିଲା । ଫଳତଃ ମୋତେ ତାହାକୁ ରୋକିବାକୁ ପଡିଲା । ପୁଣି ହୁଜୁର ସ.ଅ ମୋତେ ପଚାରିଲେ, କ'ଣ ତୁମେ ବିବାହ କରିଛ ? ମୁଁ ଉତ୍ତର ଦେଲି, ଆଜ୍ଞା ହଁ । ଦେଖ ତୁମେ ନିଜ ଘରେ ପହଞ୍ଚିବାକୁ ଯାଉଛ । ଯେତେବେଳେ ଘରେ ପହଞ୍ଚିବ ସେତେବେଳେ ବୁଦ୍ଧିମତା ଓ ସାବଧାନତାର ସହ କାମ କରିବ । ଘର ଲୋକମାନଙ୍କ ସହିତ ସଦ୍ ବ୍ୟବହାର କରିବା ଉଚିତ୍ । ପୁନଶ୍ଚ ହୁଜୁର ସ.ଅ ପ୍ରଶ୍ନ କଲେ, କ'ଣ ତୁମେ ନିଜର ଓଟ ମୋତେ ବିକ୍ରି କରିବ ? ମୁଁ ଉତ୍ତର ଦେଲି, ଆଜ୍ଞା ହଁ । ଏଥିରେ ହୁଜୁର ସ.ଅ ମୋ ଠାରୁ ଏକ ଓ୍ୱକିଆ ରୂପା ବଦଳରେ ତାହାକୁ କିଣି ନେଲେ । ଆଉ ହୁଜୁର ସ.ଅ ମୋ ପୂର୍ବରୁ ମଦିନାରେ ପହଞ୍ଚିଗଲେ ଏବଂ ମୁଁ ପରଦିନ ସକାଳେ ପହଞ୍ଚିଲି । ହୁଜୁର ସ.ଅ ମୋତେ କହିଲେ; ନିଜ ଓଟକୁ ଛାଡ଼ିଦିଅ ଓ ମସଜିଦ୍‌ରେ ଯାଇ ଦୁଇ **ରେକାତ୍ ନମାଜ୍** ପଢ । ଅତଏବ ମୁଁ ମସଜିଦ୍ ଭିତରକୁ ଚାଲିଗଲି ଓ ନମାଜ ପାଠ କଲି । ଇତି ମଧ୍ୟରେ ମହାଭାଗ ହଜରତ ବିଲାଲ୍ ର.ଅଙ୍କୁ କହିଲେ; ତାଙ୍କୁ ଏକ ଓ୍ୱକିଆ ରୂପା ଓଜନ କରି ଦେଇଦିଅ । ସେ ଓଜନ କରିବା ସମୟରେ ନିକିତିକୁ ନୁଆଁଇ ଅର୍ଥାତ୍ ସେଥିରେ କିଛି ଅଧିକ କରି ମୋତେ ଦେଲେ । ତା'ପରେ ମୁଁ ପ୍ରତ୍ୟାବର୍ତ୍ତନ କଲି, କିନ୍ତୁ ହୁଜୁର ସ.ଅ କହିଲେ; ଜାବିର୍‌ଙ୍କୁ ମୋ ପାଖକୁ ଆସିବା ପାଇଁ ଡ଼ାକ । ମୁଁ ଉପସ୍ଥିତ ହେଲି, ପୁଣ୍ୟଶ୍ଳୋକ କହିଲେ; ନିଜ ଓଟ ନେଇଯାଅ ଓ ତାହାର ମୂଲ୍ୟ ମଧ୍ୟ ତୁମର । ସେ କୁହନ୍ତି; ମହାଭାଗଙ୍କ ନିକଟରୁ ଦିଆଯାଇଥିବା ଏହି ଉପହାରରେ ପରାକ୍ରମୀ ଅଲ୍ଲାଃ ଏତେ ଆଶିଷ ରଖିଦେଲେ, ଯେ ଓଟଟି ହଜରତ ଉମର୍ ର.ଅଙ୍କ ସମୟ ପର୍ଯ୍ୟନ୍ତ ଜୀବିତ ରହିଥିଲା ।

ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅଙ୍କ ଆଦର୍ଶ, ଶିକ୍ଷା, ପ୍ରଶିକ୍ଷଣ ତଥା ବୈଭବର ପ୍ରଭାବ ସମସ୍ତ ଅନୁଚରମାନଙ୍କ ଉପରେ ପଡିଥିଲା । ହଜରତ ଖଦିଜାଃ ର.ଅଙ୍କ ଉପରେ ମଧ୍ୟ ଏହି ପ୍ରଭାବ ପଡିଥିଲା । ଏହି କାରଣରୁ ସେ କୌଣସି ଅଭାବର ଭୟ ନକରି ନିଜର ସମସ୍ତ ଧନସମ୍ପତ୍ତି ମହାଭାଗଙ୍କୁ ଅର୍ପଣ କରି ଦେଇଥିଲେ । ବର୍ଣ୍ଣନା କରାଯାଏ ଯେ ହୁଜୁର ସ.ଅ ହଜରତ ଖଦିଜାଃ ର.ଅଙ୍କ ନିକଟକୁ ଆସିଲେ । ସେହି ସମୟରେ ମହାଭାଗ କିଛି ଚିନ୍ତିତ ଥିଲେ, ତେଣୁ ସେ ପଚାରିଲେ କ'ଣ ହୋଇଛି ? ହୁଜୁର ସ.ଅ କହିଲେ; ଏହା ଦୁର୍ଭିକ୍ଷର ସମୟ, ମୋତେ ଲାଜ ଲାଗୁଛି ଯେ ଯଦି ମୁଁ ଧନ ଖର୍ଚ୍ଚ କରେ ତେବେ ତୁମର ଧନ ଶେଷ ହୋଇଯିବ । ଆଉ ଯଦି ଖର୍ଚ୍ଚ ନକରେ ତେବେ ଅଲ୍ଲାଃଙ୍କ ଭୟ ମୋତେ ଘାରିବ । ହଜରତ ଅବୁବକର୍ ର.ଅ ବର୍ଣ୍ଣନା କରନ୍ତି; ହଜରତ ଖଦିଜାଃ **ଦିନାର୍** (ଆରବର ମୁଦ୍ରା) ବାହାର କଲେ ଏବଂ ତାହାକୁ ଠୁଳ କଲେ, ଏପରିକି ତାହା ଏକ ପର୍ବତ ସଦୃଶ ଗଦା ହୋଇଗଲା । ଏପରିକି ଧନର ପ୍ରାଚୁର୍ଯ୍ୟ ଯୋଗୁଁ ଦେଖିପାରୁ ନଥିଲି ଯେ ମୋ ସାମ୍ନାରେ କିଏ ବସିଛି । ପୁନଶ୍ଚ ହୁଜୁର ସ.ଅ କହିଲେ; ମହାଭାଗ ସାକ୍ଷୀ ରୁହନ୍ତୁ ଯେ ଏହି ସମସ୍ତ ଧନ ମୋର ମୁନିବ ଓ ସ୍ୱାମୀ ହଜରତ ମୁହମ୍ମଦ ସ.ଅଙ୍କର । **ମହାଭାଗ ଯେପରି ଚାହିଁବେ ଏହାକୁ ଖର୍ଚ୍ଚ କରିପାରିବେ ଅବା ନିଜ ପାଖରେ ରଖିପାରିବେ** । ତେବେ ସେ ହୁଜୁର ସ.ଅଙ୍କ ଚିନ୍ତା ଦୂର କରିବା ସକାଶେ ସେ ଏପରି କହିଥିଲେ ।

ଜଣେ ବ୍ୟକ୍ତି ନବୀଶ୍ରେଷ୍ଠଙ୍କ ସମ୍ମୁଖରେ ହାଜର ହେଲେ ଓ କିଛି ମାଗିଲେ । ହୁଜୁର ସ.ଅ କହିଲେ; ଏବେ ତ ମୋ ପାଖରେ କିଛି ନାହିଁ । ତୁମେ ମୋ ନାମରେ କିଛି ଜିନିଷ କିଣିନିଅ ଯେତେବେଳେ ମୋ ପାଖକୁ କିଛି ଆସିବ ମୁଁ ତାହାର ମୂଲ୍ୟ ପରିଶୋଧ କରିଦେବି । ହଜରତ ଉମର୍ ର.ଅ ଅନୁରୋଧ କଲେ, ହୁଜୁର ସ.ଅ ଏହାକୁ

ପୂର୍ବରୁ ହିଁ ଦେଇ ସାରିଛନ୍ତି । ଯାହା ଆପଣଙ୍କ ସାମର୍ଥ୍ୟରେ ନାହିଁ, ଅଲ୍ଲାଃ ତା ପାଇଁ ଆପଣଙ୍କୁ ଦାୟୀ କରି ନାହାନ୍ତି । ନବୀଶ୍ରେଷ୍ଠ ହଜରତ ଉମର୍[ର.ଅ]ଙ୍କର ଏହି ମନ୍ତବ୍ୟକୁ ପସନ୍ଦ କଲେ ନାହିଁ । ଅନସାର୍‌ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲେ; ହେ ଆମ୍ଭର ପ୍ରିୟ ମୁନିବ ଆପଣ ଖର୍ଚ୍ଚ କରନ୍ତୁ ଏବଂ ସେହି ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ କୃପାରୁ ଦାରିଦ୍ର୍ୟର ଭୟ କରନ୍ତୁ ନାହିଁ । ଅନସାର୍‌ଙ୍କ ଏହି କଥାରେ ନବୀଶିରୋମଣୀ ସ୍ମିତହାସ୍ୟ ପ୍ରକଟ କଲେ ସେତେବେଳେ ମହାଭାଗଙ୍କ ପବିତ୍ର ଚେହେରାରେ ପ୍ରସନ୍ନତା ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା । ହୁଜୁର[ସ.ଅ] କହିଲେ; **ମୋତେ ଏହିପରି ହିଁ କରିବାକୁ ଆଦେଶ ଦିଆଯାଇଛି** ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କୁ ଜଣେ ସାଥୀ କିଛି ଖଜୁରୀ ଓ କାକୁଡ଼ି ଉପହାର ସ୍ୱରୂପ ଦେଲେ । ସେହି ସମୟରେ ମହାଭାଗଙ୍କ ନିକଟକୁ ବହରିନ୍ (ଦେଶ)ରୁ ସୁନା ଅଳଙ୍କାର ଆସିଥିଲା । ହୁଜୁର[ସ.ଅ] ସେହି ଖଜୁରୀ ଓ କାକୁଡ଼ି ବଦଳରେ ମୁଠାଏ ସୁନା ତାଙ୍କୁ ପ୍ରଦାନ କଲେ । ଯଦି କୌଣସି ବ୍ୟକ୍ତି ଋଣଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିଲା ଓ ତାହାର ଋଣ ପରିଶୋଧ କରିବା ସକାଶେ କୌଣସି ସମ୍ପତ୍ତି ଛାଡ଼ି ଯାଉ ନଥିଲେ ସେତେବେଳେ ହୁଜୁର[ସ.ଅ] ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ତୁମେମାନେ ତାଙ୍କର **ଜନାଯାଃ** ପାଠ କରିଦିଅ । ହୁଜୁର[ସ.ଅ] କହୁଥିଲେ, **ମୁଁ ମୁସଲମାନମାନଙ୍କ ଆତ୍ମୀୟ ସ୍ୱଜନମାନଙ୍କ ଠାରୁ ବି ଅଧିକ ନିଜର** । ତେଣୁ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯିଏବି ମୃତ୍ୟୁବରଣ କରିବ ଓ ତାହା ଉପରେ ଋଣ ପରିଶୋଧ କରିବା ବାକି ଥିବ ତେବେ ତାହାର ଋଣ ପରିଶୋଧ କରିବା ମୋର ଦାୟିତ୍ୱ ଏବଂ ଯିଏ ଧନସମ୍ପତ୍ତି ଛାଡ଼ି ଯିବ ତେବେ ତାହା ତା' ଉତ୍ତରାଧିକାରୀଙ୍କର ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ହୁଜୁର[ସ.ଅ]ଙ୍କ ଋଣ ପରିଶୋଧ ସମ୍ପର୍କରେ ହଜରତ ବିଲାଲ୍[ର.ଅ]ଙ୍କର ଏକ ବିସ୍ତୃତ ବର୍ଣ୍ଣନା ଉପସ୍ଥାପନ କଲେ । ଯେଉଁଥିରେ ସର୍ବଶକ୍ତିମାନ ଅଲ୍ଲାଃତାଲା ଏକ ଅସାଧାରଣ ଶୈଳୀରେ ନିଜ ଆଡୁ ଋଣ ପରିଶୋଧର ବ୍ୟବସ୍ଥା କରିଥିଲେ । ଯେତେବେଳେ ସମସ୍ତ ଋଣ ପରିଶୋଧ ହୋଇଗଲା, ହୁଜୁର[ସ.ଅ] କହିଲେ; ହେ ବିଲାଲ୍ ! ଋଣ ପରିଶୋଧ ପରେ ଯେଉଁ ଧନ ବଳିଯାଇଛି, ତାହାକୁ ଗରିବ ଓ ଅଭାବିମାନଙ୍କ ମଧ୍ୟରେ ବାଣ୍ଟିଦିଅ । ସେହି ରାତିଟି ହୁଜୁର[ସ.ଅ] ମସଜିଦ୍‌ରେ ବିତାଇଲେ ଓ ଘରକୁ ଗଲେ ନାହିଁ । ପରଦିନ ପଚାରିବାରୁ ବିଲାଲ୍[ର.ଅ] ସୂଚିତ କଲେ, ଯେ ସମସ୍ତ ଧନ ଶେଷ ହୋଇଯାଇଛି । ତହୁଁ ମହାଭାଗ ମହିମାମୟ ଅଲ୍ଲାଃଙ୍କର ପ୍ରଶଂସା ଗାନ କଲେ, ସେଥିଅନ୍ତେ ନିଜ ପତ୍ନୀଙ୍କ ନିକଟକୁ ପ୍ରସ୍ଥାନ କଲେ ।

ହଜରତ ଇବ୍‌ନେ ଉମର୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] ହଜରତ ଜୁବେର୍[ର.ଅ]ଙ୍କୁ ତାଙ୍କ ଘୋଡ଼ା ଯେଉଁ ପର୍ଯ୍ୟନ୍ତ ଦୌଡ଼ି ପାରିବ ସେପର୍ଯ୍ୟନ୍ତ ଜମି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ । ଘୋଡ଼ା ଦୌଡ଼ି ଦୌଡ଼ି ଅଟକିଗଲା ଓ ହଜରତ ଜାବିର୍ ନିଜ ଚାବୁକଟି ଫିଙ୍ଗି ଦେଲେ, ଯାହା ବହୁ ଦୂରକୁ ଚାଲିଗଲା । ହୁଜୁର[ସ.ଅ] କହିଲେ; ତାଙ୍କୁ ସେହି ପର୍ଯ୍ୟନ୍ତ ଜମି ପ୍ରଦାନ କରିଦିଅ ଯେପର୍ଯ୍ୟନ୍ତ ତାଙ୍କ ଚାବୁକ ପହଞ୍ଚିଛି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏକଦା ନବୀଶ୍ରେଷ୍ଠ ନିଜ ଘରକୁ ଆସି ପଚାରିଲେ, ଘରେ କ'ଣ ଅଛି ? ହଜରତ ଆଏଶା[ର.ଅ] ଦୁଇଟି **ଅଶ୍‌ରଫି** (ସୁନା ମୁଦ୍ରା) ବାହାର କରି ଦେଲେ, ଯେ ଏହା ହିଁ ଅଛି । ହୁଜୁର[ସ.ଅ] ସେହି ସୁନା ମୁଦ୍ରାକୁ ନିଜ ପାପୁଲିରେ ନେଇ କହିଲେ; ସେହି ନବୀଙ୍କର କି ଅବସ୍ଥା ହେବ ଯିଏ ନିଜ ପଛରେ ଦୁଇଟି ସୁନା ମୁଦ୍ରା ଛାଡ଼ି ଯିବ ? ଏବଂ ସେହିକ୍ଷଣି ହୁଜୁର[ସ.ଅ] ସେହି ସୁନା ମୁଦ୍ରାକୁ ବାଣ୍ଟି ଦେଲେ ।

ହୁନେନ୍ ଯୁଦ୍ଧରୁ ଛଅ ହଜାର କିମ୍ବା ଆଠ ହଜାର ଦାସଦାସୀ, ଚବିଶ ହଜାର ଓଟ, ଚାଳିଶ ହଜାରରୁ ଊର୍ଦ୍ଧ୍ୱ ଛେଳି-ମେଣ୍ଢା ଓ ଚାରି ହଜାର ଓ୍ୱକିଆ (୪୯୦ କିଲୋଗ୍ରାମ) ରୂପା **ମାଲେ ଗନିମତ୍** (ଯୁଦ୍ଧଲବ୍ଧ ସମ୍ପତ୍ତି) ମିଳିଥିଲା । ହୁଜୁର[ସ.ଅ] ସେହି ସମ୍ପତ୍ତିର ବଣ୍ଟନ **ତାଲିଫ୍-ଏ-କୁଲୁବ୍** (ହୃଦୟ ଜିତିବା)ରୁ ଆରମ୍ଭ

କଲେ । ଏମାନେ ଆରବର ବଡ ବଡ ଲୋକ ଥିଲେ ଓ ନିଜ ନିଜ ଗୋଷ୍ଠୀରେ ସମ୍ମାନିତ ତଥା ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଥିଲେ । ହୁଜୁର[ସ.ଅ] ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଧନ ପ୍ରଦାନ କରିଥିଲେ । ଏହି ଅବସରରେ ପୁଣ୍ୟଶ୍ଳୋକ ଅବୁ ସୁଫିୟାନ୍ ଓ ତାହାର ପୁତ୍ରମାନଙ୍କୁ ଏତେ ଅଧିକ ଧନ ଦେଲେ ଯେ ଅବୁ ସୁଫିୟାନ୍ କହି ଉଠିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ମହାଦାନୀ ଓ ଅତି ଉଦାରଶୀଳ । ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗୀକୃତ । ମୁଁ ଆପଣଙ୍କ ସହିତ ଯୁଦ୍ଧ କରିଛି ଓ ଆପଣ କେତେ ଯେ ଉତ୍ତମ ଯୋଦ୍ଧା ଏବଂ ମୁଁ ଆପଣଙ୍କ ସହିତ ସନ୍ଧି କରିଛି ଓ ଆପଣ କେତେ ଯେ ଉତ୍ତମ ସନ୍ଧିକର୍ତ୍ତା ।

ଯୁଗାବତାର ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏକଦା ହୁଜୁର[ସ.ଅ]ଙ୍କ ନିକଟକୁ ବହୁଳ ସଂଖ୍ୟାରେ ଛେଳି-ମେଣ୍ଢା ଆସିଲା । ଜଣେ ଅବିଶ୍ୱାସକାରୀ କହିଲା; ମୁହମ୍ମଦ[ସ.ଅ]ଙ୍କ ନିକଟରେ ଏତେ ସଂଖ୍ୟାରେ ଛେଳି-ମେଣ୍ଢା ଜମାଅଛି, ଯେ **କୈସର୍ ଓ କିସ୍ରା** (ରୋମ ଓ ପାରସ୍ୟର ସମ୍ରାଟ) ପାଖରେ ବି ଏତେ ନଥିବ । ହୁଜୁର[ସ.ଅ] ସେହିକ୍ଷଣି ତାହାକୁ ସେସବୁ ଦାନ କରିଦେଲେ । ଅତଃ ସେ ହୁଜୁର[ସ.ଅ]ଙ୍କୁ ସ୍ୱୀକାର କରିନେଲେ ଅର୍ଥାତ୍ ମୁସଲମାନ ହୋଇଗଲା ଓ ସାକ୍ଷ୍ୟ ଦେଲେ, **ଜଣେ ନବୀଙ୍କ ବ୍ୟତୀତ ଅନ୍ୟ କେହି ଏପରି ମହାନ ଦାନଶୀଳ ହୋଇପାରିବେ ନାହିଁ** । ହୁନେନ୍ ଯୁଦ୍ଧ ଦିନ ଜଣେ ମହିଳା ଆସିଲେ ଏବଂ ସେ କିଛି କବିତା ପାଠ କଲେ, ଯହିଁରେ ହୱାଜିନ୍ ଗୋଷ୍ଠୀରେ ସ୍ତନ୍ୟପାନର ଦିନଗୁଡ଼ିକର ସ୍ମୃତି ବର୍ଣ୍ଣିତ ଥିଲା । ହୁଜୁର[ସ.ଅ] ଉକ୍ତ କବିତା ଶୁଣି ବନୁ ହୱାଜିନ୍‌ର ସମସ୍ତ ସମ୍ପତ୍ତି ସେମାନଙ୍କୁ ଫେରସ୍ତ କରିଦେଲେ ଏବଂ ସେଥି ସହିତ ସେମାନଙ୍କୁ ଆହୁରି ଅଧିକ ଧନ ପ୍ରଦାନ କଲେ । ଯାହାର ମୂଲ୍ୟ ପାଞ୍ଚ ଲକ୍ଷ **ଦିରହମ୍** (ଆରବର ମୁଦ୍ରା) ସହିତ ସମାନ ଥିଲା ।

ନବୀଶିରୋମଣୀଙ୍କ ମହାନ ଚରିତ୍ରର ଚର୍ଚ୍ଚା କରି ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସେଗୁଡ଼ିକ ତ ନିଜର ଚରମ ସୀମାରେ ଉପନୀତ ଥିଲା ଏବଂ ପ୍ରତ୍ୟେକ ଗୁଣ ନିଜ ନିଜ ସ୍ଥାନ ଓ ସଠିକ୍ ଅବସରରେ ପ୍ରକାଶ ପାଉଥିଲା । ଏହି ମହାନ ଚରିତ୍ର ମଧ୍ୟରେ ମହାଭାଗଙ୍କ ଦାନଶୀଳତା, ତ୍ୟାଗ ଓ ଉତ୍କର୍ଷ ନିଜ ନିଜ ସ୍ଥାନରେ ବିଦ୍ୟମାନ ରହିଥିଲା । ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଆମ ପ୍ରିୟ ମୁନିବଙ୍କ ଶିକ୍ଷା ଯେପରି ସନ୍ତୁଳିତ, ଠିକ୍ ସେହିପରି ମହାଭାଗଙ୍କ କାର୍ଯ୍ୟକଳାପ ମଧ୍ୟ ଥିଲା । ଅଲ୍ଲାଃତାଲା ଆମମାନଙ୍କୁ ସେହି ମହାନ ନବୀଙ୍କ ପବିତ୍ର ଜୀବନୀର ପ୍ରତ୍ୟେକ ଦିଗ ଉପରେ ଚିନ୍ତନ କରିବା ଓ ତଦ ଅନୁସାରେ କାର୍ଯ୍ୟ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

ଋଋଋ ଋଋଋ ଋଋଋ ଋଋଋ

Khulasa Khutba Juma Huzoor Anwar a.b.a

19th June 2026

*Translated to Odia by :* Moulavi Anwar Ahmad Khan